### ■ ପୋଲିସ ଆଗରେ ମୁହଁ ଖୋଲିଲେ ଗିରଫ ଅନାମ

# ବେହୋସ ପରେ କରିଥିଲେ ବଳାତ୍କାର, ହତ୍ୟା

**ଅନୁଗୋଳ ଅଫିସ, ୨୪।୧**



## ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା

- ଘଟଣାସ୍ଥଳକୁ ଅଭିଯୁକ୍ତଙ୍କୁ ନେଇ ତଦନ୍ତ
- ୩୦ ଦିନରେ କରାଯିବ ଚାର୍ଜଶିଟ୍ ଦାଖଲ
- ଫାଷ୍ଟଟ୍ରାକ୍ କୋର୍ଟରେ ଶୀଘ୍ର ଟ୍ରାଏଲ ପାଇଁ ହେବ ଆବେଦନ

**ପ୍ରେ**ମ ନିବେଦନ ଓ ଶାରୀରିକ ସମ୍ପର୍କ ରଖିବାକୁ ରାଜି ନ ହେବାରୁ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ସହ ହତ୍ୟା କରିଥିଲେ ଅନୁଗୋଳ ଗୋଡ଼ିସାହିର ଅନାମ ଓରଫ୍ ଶ୍ରୀନିବାସ ଦେହୁରୀ(୨୩)। ଗୁରୁବାର ସନ୍ଧ୍ୟାରେ ଅନୁଗୋଳ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମିତ୍ରଭାନୁ ମହାପାତ୍ର ଅନୁଗୋଳ ଉପକଣ୍ଠରେ ଘଟିଯାଇଥିବା ବହୁଚର୍ଚ୍ଚିତ ନାବାଳିକା ବଳାତ୍କାର ଓ ହତ୍ୟା ମାମଲା ପଛରେ ଏପରି କାରଣ ରହିଥିବା ସ୍ପଷ୍ଟ କରିଛନ୍ତି। କଲିକତାରୁ ଗିରଫ ହୋଇଥିବା ଅନାମ ପୋଲିସ ଆଗରେ ଏହା ସ୍ୱୀକାର କରିଥିବା ଏସ୍‌ପି କହିଛନ୍ତି। ମୃତ ନାବାଳିକାଙ୍କ ବାପାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ନଂ. ୫୨/୧୯ରେ ଅଭିଯୁକ୍ତ ଅନାମଙ୍କୁ କୋର୍ଟଚାଲାଣ କରାଯାଇଛି। ୩୦ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ ସହ ଫାଷ୍ଟଟ୍ରାକ୍ କୋର୍ଟରେ ଶୀଘ୍ର ଟ୍ରାଏଲ ପାଇଁ ପୋଲିସ ଆବେଦନ କରିବ ବୋଲି ଏସ୍‌ପି କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଅନାମ ପୂର୍ବରୁ ବହୁବାର ସମ୍ପୃକ୍ତା ଛାତ୍ରୀଙ୍କୁ ପ୍ରେମ ନିବେଦନ କରିଥିଲେ। ଏପରି କି ଶାରୀରିକ ସମ୍ପର୍କ ରଖିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାହାକୁ ଛାତ୍ରୀଜଣକ ପ୍ରତ୍ୟାଖ୍ୟାନ କରି ଆସିଥିଲେ। ଗତ ରବିବାର ଅପରାହ୍ନ ସାଢ଼େ ୨ଟାରେ ନାବାଳିକା ମଝିସାହିରେ ଥିବା ବାପାଙ୍କ ଦୋକାନକୁ ଖାଇବା ନେଇ ଯାଉଥିବା ବେଳେ ନାଳକୂଳ ପଠାରେ ଅଭିଯୁକ୍ତ ଅନାମ ତାଙ୍କୁ ଏକୁଟିଆ ଦେଖି ପୁଣି ପ୍ରେମ ନିବେଦନ ଓ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ନାବାଳିକା ଗାଳିଗୁଲଜ କରିବା ସହ ଘରେ ଜଣାଇବାକୁ ଧମକ ଦେବାରୁ ଧରାପଡ଼ିଯିବା ଭୟରେ ଅନାମ ଧରିଥିବା ପଥରରେ ତାଙ୍କ ପଛପଟ ମୁଣ୍ଡକୁ ଛେଚି ଦେଇଥିଲେ। ଛାତ୍ରୀ ସଂଜ୍ଞାହୀନ ହୋଇ ତଳେ ପଡ଼ିଯିବା ପରେ ତାଙ୍କୁ ଏକ ବାଉଁଶବୁଦା ନିକଟକୁ ନେଇ ଦୁଇ ଥର ବଳାତ୍କାର କରିଥିଲେ। ପରେ ଟାଣି ଟାଣି ଏକ ଖାଲୁଆ ଜଙ୍ଗଲିଆ ସ୍ଥାନରେ ପକାଇ ଦେଇଥିଲେ। ସେଠାରୁ ବଳାତ୍କାର କରିଥିବା ସ୍ଥାନକୁ ଆସି ନାବାଳିକାଙ୍କ ପୋଷାକ ସହ ଟିଫିନ୍, ବ୍ୟାଗ ଚପଲ ନେଇ ନାଳରେ ଭସାଇ ଦେଇଥିଲେ। ସେଠାରୁ ଘରକୁ ଆସି ବାଇକ୍ ଧରି ତୁରନ୍ତ ପରଜଙ୍ଗ ମାଉସୀ ଘରକୁ ପଳାଇ ଯାଇଥିଲେ। ଏହାପରେ ମାଉସୀ ପୁଅଙ୍କ ସହାୟତାରେ ତାଳଚେର ଚାଲିଯାଇଥିଲେ। ଯିବା ରାସ୍ତାରେ ବଳରାମପ୍ରସାଦସ୍ଥିତ ହନୁମାନ ମୂର୍ତ୍ତି ନିକଟରେ ନିଜ ରକ୍ତ ଭିଜା ସାର୍ଟ ଓ ପ୍ୟାଣ୍ଟ ଫୋପାଡ଼ି ଦେଇଥିଲେ। ପରେ ଟ୍ରକ୍‌ରେ ବଅଁରପାଳ ଦେଇ ଢେଙ୍କାନାଳ ବାଇପାସ୍ ଯାଇଥିଲେ। ଏହାପରେ ଢେଙ୍କାନାଳରୁ ଟ୍ରକ୍ ଯୋଗେ ଭୁବନେଶ୍ୱର ଓ ପରେ କୋବି ବୋଝେଇ ଟ୍ରକ୍ ଧରି କଲିକତା ଫେରାର ହୋଇଯାଇଥିଲେ। ଅନାମଙ୍କୁ ଖୋଜିବାକୁ ୪ଟି ଟିମ୍ ଜିଲା ବାହାରେ ଥିବାବେଳେ ଗୋଟିଏ ଟେକ୍ନିକାଲ ଟିମ୍ ୨୪ ଘଣ୍ଟା ମୋବାଇଲ ଟ୍ରାକ୍ କରୁଥିଲା। କଲିକତାରେ ଅନାମ ଥିବା ଜଣାପଡ଼ିବା ପରେ ତାଙ୍କ ପିଛା କରାଯାଇ ୨୩ ତାରିଖ ରାତି ୧୧ଟାରେ ଗିରଫ କରାଯାଇଥିଲା। ପଚରାଉଚରା ପରେ ଅଭିଯୁକ୍ତଙ୍କୁ ଗୁରୁବାର ଘଟଣାସ୍ଥଳକୁ ନିଆଯାଇଥିଲା। ଛାତ୍ରୀଙ୍କୁ କେଉଁଠାରେ ବଳାତ୍କାର, ହତ୍ୟା କରିଥିଲେ ଓ ପ୍ରମାଣ ନଷ୍ଟ ପାଇଁ ବିଭିନ୍ନ ସାମଗ୍ରୀ କେଉଁଠି ପକାଇଥିଲେ ତାହା ଅନାମ ଦେଖାଇଥିଲେ। ଘଟଣାସ୍ଥଳରୁ ଅନାମଙ୍କ ଗଞ୍ଜି, ହତ୍ୟାରେ ବ୍ୟବହୃତ ପଥର, ନାବାଳିକାଙ୍କ ଚପଲ, ପୋଷାକ ମିଳିଛି। ତାଳଚେର ଯିବା ରାସ୍ତାରେ ପକାଇ ଦେଇଥିବା ପ୍ୟାଣ୍ଟ, ସାର୍ଟ ଓ ମାଉସୀ ଘରୁ ବାଇକ୍ ଜବତ କରାଯାଇଛି। ଘଟଣାଦିନ ସକାଳେ ସେ ମଦ୍ୟପାନ ମଧ୍ୟ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ତଦନ୍ତ ବେଳେ ମାଜିଷ୍ଟ୍ରେଟ ପତିତପାବନ ଦେବତା, ଅନୁଗୋଳ ଏସ୍‌ଡିପିଓ ହରିହର ପାଣି, ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଓ ୩ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ। ସାଇଣ୍ଟିଫିକ୍ ଟିମ୍ ଜବତ ସମସ୍ତ ସାମଗ୍ରୀକୁ ଫୋରେନସିକ୍ ଟେଷ୍ଟ ପାଇଁ ଭୁବନେଶ୍ୱର ପଠାଇଛି।



ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଓ ପୋଲିସ ।



ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ସ୍ଥାନ ।



ପୋଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଉଛି।

## ପୂରା ଘଟଣାର ଭିଡିଓଗ୍ରାଫି

**ନା**ବାଳିକା ବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତ ଅନାମଙ୍କୁ ନେଇ ପୋଲିସ ଥାନାରୁ ଘଟଣାସ୍ଥଳକୁ ଯିବା ଓ ସେଠାରୁ ଫେରିବା ପର୍ଯ୍ୟନ୍ତ ସମସ୍ତ ଘଟଣାର ଭିଡିଓଗ୍ରାଫି କରାଯାଇଥିଲା। ଏପରି କି ଅନାମ ନାଳ କୂଳର କେଉଁ ସ୍ଥାନରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା କରିଥିଲା ଏବଂ ପ୍ରମାଣ ଲୁଚାଇବାକୁ ବିଭିନ୍ନ ସାମଗ୍ରୀ କେଉଁଠାରେ ପକାଇ ସେଠାରୁ ଫେରାର ହୋଇଯାଇଥିଲେ ସେ ସମ୍ପର୍କରେ କ୍ୟାମେରା ଆଗରେ କହିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତଙ୍କ ଆଡ଼କୁ ମାଡ଼ି ଆସିବାରୁ ପୋଲିସ ନେଇଥିବା ଜଣେ ପ୍ରାଇଭେଟ କ୍ୟାମେରାମ୍ୟାନଙ୍କ କ୍ୟାମେରା ଭାଙ୍ଗି ଯାଇଥିଲା। ହେଲେ ପୋଲିସ କରିଥିବା ଭିଡିଓ ସୁରକ୍ଷିତ ଥିବା ଜଣାପଡ଼ିଛି।

### ଗାଁରେ ପୋଲିସ ଛାଉଣି

**ଗି**ରଫ ଅଭିଯୁକ୍ତ ଅନାମ ଦେହୁରୀଙ୍କୁ ପୋଲିସ ମଧ୍ୟାହ୍ନରେ ଘଟଣାସ୍ଥଳକୁ ନେଇଥିଲା। କାଳେ ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏସ୍‌ଡିପିଓଙ୍କ ସହ ଥାନା ଅଧିକାରୀ, ୧୦ ଅଫିସର, ସାଇଣ୍ଟିଫିକ ଟିମ୍, ୨୦ ହାବିଲଦାର କନଷ୍ଟେବଳ ଓ ୩ ପ୍ଲାଟୁନ୍ ଫୋର୍ସ ଯାଇଥିବାରୁ ପୂରା ଗାଁ ପୋଲିସ ଛାଉଣି ଭଳି ଲାଗୁଥିଲା। ଗାଁକୁ ପ୍ରଥମ ଥର ପାଇଁ ଏତେ ପୋଲିସ ଆସିଥିବା ଗ୍ରାମବାସୀ କହିଛନ୍ତି।

### ନାଳପଠା ଲୋକାରଣ୍ୟ

**ପୋଲି**ସ ଅଭିଯୁକ୍ତ ଅନାମଙ୍କୁ ଘଟଣାସ୍ଥଳକୁ ଆଣୁଥିବା ଜାଣିବା ପରେ ସକାଳୁ ଗାଁ ନିକଟ ନାଳ ପଠାକୁ ଲୋକଙ୍କ ସୁଅ ଛୁଟିବାରେ ଲାଗିଥିଲା। ଶତାଧିକ ଲୋକ ନାଳ ଓ ରାସ୍ତାପାର୍ଶ୍ୱରେ ଭିଡ଼ ଜମାଇଥିଲେ। ଅଭିଯୁକ୍ତ ପହଞ୍ଚିବା ମାତ୍ରେ ଲୋକେ ଗାଳିଗୁଲଜ କରିବା ଆରମ୍ଭ କରିଦେଇଥିଲେ। କେହି କେହି ଅନାମଙ୍କୁ ଫାଶୀ ଦେବାକୁ କହୁଥିଲେ ତ ଆଉ କିଏ ତାଙ୍କୁ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିବାକୁ ଦାବି କରୁଥିଲେ। ଅଭିଯୁକ୍ତଙ୍କ ଫଟୋ ମଧ୍ୟ ଉଠାଇବାକୁ ବହୁ ଲୋକ ଲାଗି ପଡ଼ିଥିଲେ।

## ପାଣିରେ ପ୍ରମାଣ ଖୋଜିଲେ ୩ ଯୁବକ

**ଘ**ଟଣା ଘଟାଇବା ପରେ ପ୍ରମାଣ ନଷ୍ଟ କରିବାକୁ ଅଭିଯୁକ୍ତ କେଉଁ ସ୍ଥାନରେ କି ସାମଗ୍ରୀ ଫୋପାଡ଼ିଥିଲେ ତାହାର ସ୍ଥାନ ଚିହ୍ନଟ କରିବା ପରେ ପୋଲିସ ସେସବୁକୁ ସଂଗ୍ରହ କରିବାକୁ ଉଦ୍ୟମ କରିଥିଲା। ବଳାତ୍କାର ସ୍ଥାନରୁ ଅନାମଙ୍କ ଗୋଟିଏ ଗଞ୍ଜି ମିଳିଥିଲା। ଅନ୍ୟ ପୋଷାକ ନାଳରେ ପକାଇଥିବା ଅଭିଯୁକ୍ତ କହିବା ପରେ ପୋଲିସ ସ୍ଥାନୀୟ ୩ ଯୁବକଙ୍କୁ ପାଣିରେ ପୂରାଇ ଖୋଜାଖୋଜି କରିଥିଲା। ସେଠାରୁ ନାବାଳିକାଙ୍କ ଚପଲ ଓ ପୋଷାକ ମିଳିଥିଲା। ସମ୍ପୃକ୍ତ ଯୁବକଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ ନିମନ୍ତେ ସୁପାରିସ କରିବେ ବୋଲି ଏସ୍‌ଡିପିଓ ଓ ଥାନା ଅଧିକାରୀ କହିଥିଲେ।

## ଝିଅ ଥିଲା ସାହସୀ, ଆତ୍ମବିଶ୍ୱାସୀ

**ପୂ**ର୍ବରୁ ଅଭିଯୁକ୍ତ ଝିଅକୁ ପ୍ରେମ ନିବେଦନ କରିଥିଲେ ବି ଏ ସମ୍ପର୍କରେ ଝିଅ ଘରେ ଜଣାଇ ନ ଥିଲା। କାରଣ ତା’ ମଧ୍ୟରେ ସାହସ ଓ ଆତ୍ମବିଶ୍ୱାସ ଏତେ ଅଧିକ ଥିଲା ଯେ ସେ ଅଭିଯୁକ୍ତର ପ୍ରେମ ନିବେଦନକୁ ସେହିସ୍ଥାନରେ ପ୍ରତ୍ୟାଖ୍ୟାନ କରିବା ସହ ତାହାକୁ ଗୁରୁତ୍ୱ ଦେଇ ନ ଥିଲା। ଯଦି ଝିଅ ଜଣାଇଥାନ୍ତା ତା’ହେଲେ ଅଭିଯୁକ୍ତଙ୍କ ପ୍ରତିଟି ଚାଲିଚଳଣ ଉପରେ ପରିବାର ଲୋକେ ନଜର ରଖିଥାନ୍ତେ ବୋଲି ନାବାଳିକାଙ୍କ ବାପା କୋହଭରା କଣ୍ଠରେ କହିଛନ୍ତି।

## ଫିଲ୍ମ ଶୁଟିଂ ପରି ଲାଗୁଥିଲା

**ଗାଁ**ର ଜଣେ ନାବାଳିକାଙ୍କୁ ଏପରି ବଳାତ୍କାର ଓ ହତ୍ୟା କରାଯାଇଥିବା ବିଶ୍ୱାସ କରିହେଉ ନ ଥିବା ବେଳେ ଗୁରୁବାର ପୋଲିସ ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ତଦନ୍ତ କରିବା ଏକ ଫିଲ୍ମ ଶୁଟିଂ ଭଳି ଲାଗୁଥିଲା। ପୂର୍ବରୁ ଗାଁକୁ ଏତେ ସଂଖ୍ୟକ ପୋଲିସ ଗାଡ଼ି କେବେ ଆସି ନ ଥିଲା। ଥାନାରୁ ଅଭିଯୁକ୍ତଙ୍କୁ ନେଇ ଏକା ସାଙ୍ଗରେ ୬ଟି ପୋଲିସ ଗାଡ଼ି ଯାଇଥିଲା। ଛେଲିଆପଡ଼ା ଠାରେ ଫୋର୍ସଙ୍କୁ ନେଇ ଯାଉଥିବା ଗାଡ଼ି ସାମିଲ ହୋଇ ଧାଡ଼ିରେ ଯାଉଥିବା ବେଳେ ରାସ୍ତାରେ ଲୋକେ ଅଟକି ଏପରି ଦୃଶ୍ୟ ଦେଖିଥିଲେ। ଗାଁରେ ଘର ଭିତରେ ଥିବା ଲୋକମାନେ ମଧ ବାହାରକୁ ବାହାରି ଆସିଥିଲେ।

## ମାର୍ଚ୍ଚରେ ହୋଇଥାନ୍ତା ବିବାହ

**ସ୍କୁ**ଲରେ ପଢୁଥିବା ନାବାଳିକାଙ୍କୁ ବଳାତ୍କାର ଓ ପରେ ହତ୍ୟା କରିଥିବା ଅଭିଯୁକ୍ତ ଅନାମ ଦେହୁରୀଙ୍କ ବିବାହ ପୂର୍ବରୁ ସ୍ଥିର ହୋଇସାରିଥିଲା। ବନ୍ତଳା ଥାନା ଅଞ୍ଚଳରେ ତାଙ୍କ ପାଇଁ ଝିଅ ଦେଖା ହୋଇଥିବା ବେଳେ ଆସନ୍ତା ମାର୍ଚ୍ଚରେ ଉକ୍ତ ବିବାହ ସମ୍ପନ୍ନ ହୋଇଥାନ୍ତା। ଗିରଫ ପରେ ପଚରାଉଚରା ବେଳେ ଅଭିଯୁକ୍ତ ଅନାମ ଏ ନେଇ ପୋଲିସକୁ ତଥ୍ୟ ଦେଇଛି।









## ୨୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ କଲା ପୋଲିସ

**ନା**ଳକୂଳ ଘଟଣାସ୍ଥଳରୁ ପୋଲିସ ସମସ୍ତ ତଥ୍ୟ ପ୍ରମାଣ ଯୋଗାଡ଼ କରିବା ପରେ ସେଠାରେ ଉପସ୍ଥିତ ଲୋକଙ୍କ ସାକ୍ଷ୍ୟ ସଂଗ୍ରହ ପାଇଁ ଉଦ୍ୟମ କରିଥିଲା। କିନ୍ତୁ କେତେଜଣ ଏଥିପାଇଁ ପୋଲିସକୁ ସହଯୋଗ କରିବାକୁ ମନା କରିଦେଇଥିଲେ। ମାମଲାକୁ ମଜଭୁତ କରିବା ଓ ଅଭିଯୁକ୍ତଙ୍କୁ ଦୋଷୀ ପ୍ରମାଣିତ କରି ଉପଯୁକ୍ତ ଦଣ୍ଡ ଦେବାକୁ ସାକ୍ଷ୍ୟ ପ୍ରମାଣ ଅତି ଜରୁରୀ ବୋଲି ଏସ୍‌ଡିପିଓ ବୁଝାଶୁଝା କରିଥିଲେ। ସେ କହିଥିଲେ, ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନେକ ଅପରାଧୀ ଖସି ଯାଉଛନ୍ତି। ଲୋକମାନଙ୍କ ମାନସିକତା ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ମିଳିବ ନାହିଁ। କେବଳ ପୋଲିସ ଅପରାଧୀଙ୍କୁ ଧରି କୋର୍ଟଚାଲାଣ କରିଦେଲେ ହେବ ନାହିଁ। କୋର୍ଟରେ ଦଣ୍ଡିତ କରିବାକୁ ହେଲେ ସାକ୍ଷ୍ୟ ନିହାତି ଆବଶ୍ୟକ। ଏହା ପରେ ୨୦ ଜଣ ଲୋକ ସାକ୍ଷୀ ହେବାକୁ ରାଜି ହୋଇଯାଇଥିଲେ।

### ଥାନାରେ ମାଜିଷ୍ଟ୍ରେଟ କଲେ ବୟାନ ରେକର୍ଡ

ଅନୁଗୋଳ ଥାନାରେ ମାଜିଷ୍ଟ୍ରେଟ ଅଭିଯୁକ୍ତ ଅନାମ ଦେହୁରୀଙ୍କ ବୟାନ ରେକର୍ଡ କରିଥିଲେ। ଏହି ସମୟରେ ପୁରା ବୟାନର ଭିଡିଓଗ୍ରାଫି କରାଯାଇଥିଲା। ଅଭିଯୁକ୍ତ ଅନାମ ଘଟଣା କିପରି ଘଟାଇଥିଲେ ସେ ନେଇ ସମସ୍ତ କଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କହିଥିଲେ।

### ଶେଷ ଶବ୍ଦ ମା’ ଲୋ...

**ନା**ବାଳିକାଙ୍କ ମୁଣ୍ଡକୁ ପଥରରେ ଛେଚି ଦେବା ବେଳେ ତାଙ୍କ ମୁହଁରୁ ବାହାରି ପଡ଼ିଥିଲା ମା’ ଲୋ...। ହେଲେ ସେହି ଶେଷ ଶବ୍ଦ କେବଳ ସେ ଶୁଣିଥିଲେ ବୋଲି ଅଭିଯୁକ୍ତ ଅନାମ ପୋଲିସକୁ ତଥ୍ୟ ଦେଇଛନ୍ତି। ଏତକ କହି ନାବାଳିକା ତଳେ ପଡ଼ିଯାଇଥିଲେ ଓ ପରେ ତାଙ୍କ ପାଟିରୁ ଆଉ କୌଣସି କଥା ବାହାରି ନ ଥିବା ଅଭିଯୁକ୍ତ କହିଛନ୍ତି।

**ରିପୋର୍ଟ – ଅମିତ ସାମଲ**
**ଫଟୋ– ବୁବୁ**

## ସଂକ୍ଷେପରେ

### ନେତାଜୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନା

**ତାଳଚେର,୨୪।୧(ନି.ପ୍ର.):** ସ୍ୱାଧୀନତା ଆନ୍ଦୋଳନର ମହାନ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ସ୍ଥାନୀୟ ହାଟତୋଟା ଠାରେ ପାଳନ କରାଯାଇଛି। ଏହି ଅବସରରେ ନେତାଜୀଙ୍କ ଫଟୋ ଚିତ୍ରରେ ସମୂହ ମାଲ୍ୟାର୍ପଣ ସହ ତାଙ୍କ ଜୀବନୀ ସଂଗ୍ରାମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତାଳଚେର ପରିବେଶ ସୁରକ୍ଷା ସମିତି ଆବାହକ ପଦ୍ମଚରଣ ସାମଲ, ପରିବେଶବିତ୍ ବାଉରୀବନ୍ଧୁ ବେଜ୍, ବିନୋଦ ଲାଲ, ଜୟସେନ ମେହେର, ଆନନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ଦେବରାଜ ମହାରଣା, ସନାତନ ଧୀର, ଅଲେଖ ସାହୁ, ପବିତ୍ର ନାଏକ, ସତ୍ୟନାରାୟଣ ମହାନ୍ତି, ତାରାକାନ୍ତ ପ୍ରଧାନ, ହିମାଂଶୁ ଭୂଷଣ ମିଶ୍ର, ମାନସ ରଞ୍ଜନ ବେହେରା, ସରୋଜିନୀ ବେହେରା, ପ୍ରଭାତ କୁମାର ରଥ, କେଶବ ଭୂତିଆ, ତାଳଚେର ବାର ଆସୋସିଏଶନ ସଭାପତି ଦୟାସାଗର ମିଶ୍ର, ଆଇନଜୀବୀ ଉଚ୍ଛନ୍ନ ପଟ୍ଟନାୟକ, ମନୋଜ କୁମାର ନନ୍ଦଙ୍କ ସମେତ ଶତାଧିକ ସଚେତନ ନାଗରିକ ମାଲ୍ୟାର୍ପଣ କରିଥିଲେ। ସେହିପରି ଶର୍ମାଛକ ଠାରେ ଜୟନ୍ତୀ ପାଳନ କରାଯାଇଥିଲା। ପାଲଲହଡା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ମହେଶ ସାହୁ, ଅଧାପକ ନିମାଇଁ ପ୍ରଧାନ, ଶିକ୍ଷାବିତ୍ ବୃନ୍ଦାବନ ସାହୁ, ପ୍ରକାଶ ସାହୁ, ସରକାରୀ ଓକିଲ ଗିରିଜାଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଭୋଟର ଦିବସ ପାଳନ ପ୍ରସ୍ତୁତି

**ଆଠମଲ୍ଲିକ, ୨୪।୧(ଡି.ଏନ.ଏ.):** ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆସନ୍ତା ୨୫ରେ ନବମ ଜାତୀୟ ଭୋଟର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ଏହି ବୈଠକରେ ଅଧକ୍ଷତା କରି ଜାତୀୟ ଭୋଟର ଦିବସକୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟାଳୟରେ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୫୦ଟି ବୁଥ୍‌ରେ ଏହି ଦିବସ ପାଳନ କରାଯିବ। ଏହି ଅବସରରେ ଏକ ଭୋଟର ସଚେତନତା ଶୋଭାଯାତ୍ରା ସହ ସଭା ଆୟୋଜନ କରାଯିବ। ଏଥିସହ ପୂର୍ବ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବୈଠକରେ ତହସିଲଦାର ବାସୁଦେବ ମହାପାତ୍ର, କିଶୋରନଗର ତହସିଲଦାର ଲୋପାମୁଦ୍ରା ରଥ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆଲବିନସ୍ କେରକେଟା, ବିଡିଓ ରାହାସ ଚନ୍ଦ୍ର ନାୟକ, ସହକାରୀ ବନ ସଂରକ୍ଷଣ ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର ବାରିକ, ସିଡିପିଓ କିଶୋରନଗର ସୁବାସିନୀ ମହାଲିକ, ଆଠମଲ୍ଲିକ ଥାନା ଆରକ୍ଷୀ ନିରୀକ୍ଷକ ନିରଞ୍ଜନ ସେଠୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧୀର କୁମାର ଦେବତା, ଲବ କିଶୋର ପ୍ରଧାନ, ଶକୁନ୍ତଳା ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଦେୟମୁକ୍ତ ଆବାସିକ ଶିକ୍ଷା ପ୍ରକଳ୍ପ ବୁଲିଲେ ଜିଲାପାଳ

**ଅନୁଗୋଳ ଅଫିସ, ୨୪।୧:** ଜିଲାପାଳ ଅନିଲ କୁମାର ସାମଲ ଗୁରୁବାର ପୂର୍ବାହ୍ନରେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ସହାୟତାରେ ପ୍ରତିଷ୍ଠିତ ଆବାସିକ ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା କୋଚିଂ ସେଣ୍ଟର ପରିଦର୍ଶନ କରିଥିଲେ। ଏହି କେନ୍ଦ୍ରରେ ଜିଲାରେ ଥିବା ୩ଟି ଖଣି ପ୍ରଭାବିତ ବ୍ଲକ ତାଳଚେର, ଛେଣ୍ଡିପଦା ଓ କଣିହାଁ ବ୍ଲକରୁ ୬୦ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ କିପରି ଅଧିକ ସଂଖ୍ୟାରେ ଇଞ୍ଜିନିୟରିଂ ଓ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବେ ସେଥିପାଇଁ ରାଜ୍ୟରେ ପ୍ରଥମ ଥର ପାଇଁ ଏପରି ପଦକ୍ଷେପ ଅନୁଗୋଳରେ ନିଆଯାଇଛି। ଏହି କେନ୍ଦ୍ରକୁ ପରିଚାଳନା କରିବା ପାଇଁ ବୁକ୍ସ ଇନ୍‌ଷ୍ଟିଚ୍ୟୁଟ ପ୍ରାଇଭେଟ ଲିମିଟେଡ୍ ଜିଲା ଖଣିଜ ପ୍ରତିଷ୍ଠାନ ସହିତ ସହବନ୍ଧିତ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଯୌତୁକ ନିର୍ଯାତନା ଅଭିଯୋଗ

**ବଅଁରପାଳ, ୨୪।୧(ଡି.ଏନ.ଏ.):** ବଅଁରପାଳ ଥାନା ଟେଣ୍ଟେଇ ଗ୍ରାମର ରିତୁ ନାୟକଙ୍କୁ ତାଙ୍କ ସ୍ୱାମୀ କୃପାସିନ୍ଧୁ ନାୟକ ଯୌତୁକ ନିର୍ଯାତନା ଦେଉଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରିତୁଙ୍କ ସହ ତାଙ୍କ ବାପଘର ଲୋକେ ଘରକୁ ଆସି ଗଣ୍ଡଗୋଳ କରୁଥିବା ରିତୁଙ୍କ ଶ୍ୱଶୁର ପଞ୍ଚାନନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ଦୃଢ଼ ସଂକଳ୍ପ ଝିଅଙ୍କୁ ଶୀର୍ଷରେ ପହଞ୍ଚାଇବ

**ଅନୁଗୋଳ ଅଫିସ, ୨୪।୧**


କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସହ ଅନ୍ୟମାନେ।

ବିଜୁ କନ୍ୟାରତ୍ନ ଯୋଜନାରେ ଶିଶୁ କନ୍ୟାମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ଜିଲାସ୍ତରୀୟ ଶିଶୁ କନ୍ୟା ମହୋତ୍ସବ ଏବଂ ଜାତୀୟ ଶିଶୁ କନ୍ୟା ଦିବସ ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ମହିଳା ଓ କନ୍ୟା ସନ୍ତାନମାନଙ୍କ ଗୁରୁତ୍ୱକୁ ଉପଲବ୍ଧି କରିବାର ବାର୍ତ୍ତା କିପରି ତୃଣମୂଳ ସ୍ତରରେ ପହଞ୍ଚିବ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

ଜିଲାପାଳ କହିଥିଲେ, ଦେଶ ଗଠନରେ ମହିଳାମାନଙ୍କ ଭୂମିକା ଅତୁଳନୀୟ। ଉଚ୍ଚ ଆଶା, କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପ ଝିଅମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବ। ମହିଳାମାନଙ୍କୁ ଉଚିତ ସମ୍ମାନ ଜଣାଇଲେ ସମାଜରେ ଗଠନମୂଳକ କାର୍ଯ୍ୟ ହୋଇପାରିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗଦେଇ ଏହି ଦିବସକୁ ଗୋଟିଏ ଦିନ ପାଳନରେ ସୀମିତ ନ ରଖି ଶିଶୁ କନ୍ୟାମାନଙ୍କୁ ସବୁବେଳେ ଗୁରୁତ୍ୱ ଦେଲେ ସମାଜରେ ପରିବର୍ତ୍ତନ ଆସିପାରିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି ଝିଅଙ୍କୁ ନେଇ ଅନେକ ପରିବାରରେ ଥିବା ଅସୁସ୍ଥ ମାନସିକତାରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ସର୍ବଶିକ୍ଷା ଅଭିଯାନର ନିରଞ୍ଜନ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଜିଲା ମଙ୍ଗଳ ଅଧିକାରୀ ସର୍ବେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୧୫ ଜଣ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟା, ସଦସ୍ୟ, ସାମାଜିକ କର୍ମୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ପ୍ରତ୍ୟୁଷା ଅମାନ୍ତ ସଂଯୋଜନା କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ସମାଜ ମଙ୍ଗଳ ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲାପରିଷଦ ସଭାପତି ବାସନ୍ତୀ କିଷାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ୫୨ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା, ୨୪।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବିଜୁ ଯୁବ ବାହିନୀ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁନୀଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କିଶୋରନଗର ବ୍ଲକ ବିଜୁ ଯୁବବାହିନୀ ସଂଯୋଜକ ବଜେନ୍ଦ୍ର କୁମାର ପ୍ରଧାନ, ଆଠମଲ୍ଲିକ ଏନ୍‌ଏସି ସଂଯୋଜକ ଗୌରୀଶଙ୍କର ଥାଟ୍ଟି, ବ୍ଲକ ସଂଯୋଜକ ନିରଞ୍ଜନ ହୋତା, ପ୍ରସନ୍ନ ବିଶ୍ୱାଳ, କାଳମଣି ପ୍ରଧାନ, କୁନାଲ ଦେହୁରୀ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଞ୍ଚଳବାସୀ ଓ ୧୨ଟି ବିଜୁ ଯୁବ ବାହିନୀ ସଙ୍ଗଠନର ସଦସ୍ୟମାନେ ରକ୍ତଦାନ କରିଥିଲେ। ଏଥିରେ ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ରକ୍ତ ଭଣ୍ଡାରର ବିମ୍ବଲ କୁମାର ପ୍ରଧାନ, ରବୀନ୍ଦ୍ରନାଥ ମହାନ୍ତି, ସନ୍ଧ୍ୟାରାଣୀ ସିଂ, କର୍ଣ୍ଣେଲ ଦେହୁରୀ, ଗୋବିନ୍ଦ ଚନ୍ଦ୍ର ବେହେରା, ରାଧାମୋହନ ତ୍ରିପାଠୀ ସହଯୋଗ କରିଥିଲେ।

■ ଜିଲାରେ ବଢ଼ୁଛି ସାଇବର କ୍ରାଇମ

# ଆକାଉଣ୍ଟରୁ ୨୭ ହଜାର ନେଇଗଲେ

**ବଅଁରପାଳ, ୨୪।୧ (ଡି.ଏନ୍.ଏ.)**



ଟଙ୍କା ଦେଣନେଣକୁ ଡିଜିଟାଲ ବା ଅନ୍‌ଲାଇନ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଉଛି। କିନ୍ତୁ ସାଇବର କ୍ରାଇମ ରୋକିବାରେ ସରକାର ସଫଳ ହୋଇପାରିପାରୁ ନାହାନ୍ତି। ଏଥିଯୋଗୁ ଅନେକ ଲୋକ ଏହି କ୍ରାଇମ୍ ବା ଠକେଇର ଶିକାର ହୋଇ ନିଜ ସଞ୍ଚିତ ଅର୍ଥ ହରାଉଛନ୍ତି। ଏପରି 'ଫୋନ ପେ' ମାଧ୍ୟମରେ ବଅଁରପାଳ ଅଞ୍ଚଳର ମାୟାଧର ବିଶ୍ୱାଳ ଠକେଇର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ବଅଁରପାଳ ୟୁକୋ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ରହିଛି। ସେଥିରେ ୨୭ ହଜାର ୧୨୮ ଟଙ୍କା ଥିଲା। କେହି ଦୁର୍ବୃତ୍ତ ଫୋନ ପେ ମାଧ୍ୟମରେ ତାଙ୍କ ଆକାଉଣ୍ଟରୁ ୨୭ ହଜାର ଟଙ୍କା ଟ୍ରାନ୍ସଫର କରି ନେଇଛନ୍ତି। ଗତ ୧୪ ତାରିଖରେ ସେ ଟଙ୍କା ଉଠାଇବା ପାଇଁ ଯାଇଥିବା ବେଳେ ଏ ସମ୍ପର୍କରେ ଜାଣି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ୧୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶଥାଉ କି, ନାଲ୍‌କୋ ଅଞ୍ଚଳର କ୍ଷୀରୋଦ କୁମାର ସାହୁ ନାମକ ଜଣେ ଠିକା ଶ୍ରମିକ ଏପରି ସାଇବର କ୍ରାଇମ୍‌ର ଶିକାର ହୋଇଥିଲେ। ତାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ସେହିପରି ନାଲ୍‌କୋ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କର ମଧ୍ୟ ଟଙ୍କା ଗାଏବ ହୋଇଥିବା ଜଣାପଡ଼ିଛି। ଏପରିକି ନାଲ୍‌କୋ ଥାନାର ୨ ଜଣ କର୍ମଚାରୀ ମଧ୍ୟ ଏପରି ଠକେଇର ଶିକାର ହୋଇସାରିଛନ୍ତି। ଏଥିପ୍ରତି ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବଅଁରପାଳ ଥାନା ଆଇଆଇସି କନକ କୁମାର ମାଝି କହିଛନ୍ତି, ମାୟାଧର ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯାଉଛି।

## ସାମାଜିକ କର୍ମୀଙ୍କ ବିୟୋଗ

**କଣିହାଁ,୨୪।୧(ଡି.ଏନ.ଏ.)**

କଣିହାଁ ବ୍ଲକ ସାରଥିପାଳ ଗ୍ରାମର ସାମାଜିକ କର୍ମୀ ରବିଚନ୍ଦ୍ର ପ୍ରଧାନଙ୍କ ଗୁରୁବାର ପରଲୋକ ହୋଇଛି। ଏଥିଯୋଗୁ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ରବିଚନ୍ଦ୍ର ଟିଟିପିଏସରୁ ଅବସର ନେବା ପରେ ବ୍ଲକ ଅଞ୍ଚଳର ବିଭିନ୍ନ ସେବା ଅନୁଷ୍ଠାନରେ ସାମିଲ ହୋଇ କାର୍ଯ୍ୟ କରୁଥିଲେ। ଅଞ୍ଚଳବାସୀ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

## ମଦ ଜବତ, ଜଣେ ଗିରଫ

**ବଇଣ୍ଡା, ୨୪।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କୁଟାସିଙ୍ଗା ଗ୍ରାମର ଭରତ ବେହେରାଙ୍କଠାରୁ ଗୁରୁବାର ୫ ଲିଟର ଚୋରା ଦେଶୀ ମହୁଲି ମଦ ପୋଲିସ ଜବତ କରିଛି। ଏଥିସହିତ ତାଙ୍କୁ ଗିରଫ କରାଯାଇଛି। ସେ ଟାପଢୋଲ ଗ୍ରାମରୁ ଘରକୁ ଚୋରା ମଦ ନେଉଥିବାବେଳେ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

# ସଂଗ୍ରାମୀ ବୀରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ବଇଣ୍ଡା/କଣିହାଁ/ଛେଣ୍ଡିପଦା, ୨୪।୧(ଡି.ଏନ.ଏ.)**


ଛେଣ୍ଡିପଦାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

ଦୁଇ ଆଜନ୍ମ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ କିଶୋରନଗର ବ୍ଲକ ବରଡାମଳିହା ଗ୍ରାମଠାରେ ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ବୁଧବାର ପାଳନ କରାଯାଇଛି। କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକ ସୁବାସ ପ୍ରଧାନ ଦୁଇ ମହାନ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସେମାନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସେନା ଅଧିକାରୀ ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନ, ଶିକ୍ଷାବିତ୍ ଲକ୍ଷ୍ମଣ ପ୍ରଧାନ, ପବିତ୍ର ମୋହନ ପ୍ରଧାନ, ସରୋଜିନୀ ନାୟକ, ତୀର୍ଥବାସୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କିଶୋରନଗର ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ବିଜୟିନୀ ସାହୁ, ବିନାୟକ ଦେହୁରୀ, ହେମନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କଣିହାଁ ବ୍ଲକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରହ୍ଲାଦ ସାହୁ, ଅଜୟ ରାୟଙ୍କ ସହ ଶିକ୍ଷାବିତ୍ ଓ ସାମାଜିକ କର୍ମୀମାନେ ଦୁଇ ବିପ୍ଳବୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନେତାଜୀ ସ୍ମୃତି କମିଟି ଛେଣ୍ଡିପଦା ପକ୍ଷରୁ କରଡାବାହା ଗ୍ରାମ କୋଠଘରଠାରେ ମଧ୍ୟ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ସତ୍ୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ବେହେରା, ଅତିଥି ଭାବେ ବିଜୟ କୁମାର ସାହୁ, ରଣଜିତ ପ୍ରଧାନ, ପ୍ରତିମା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରାଧାମାଧବ ଓ ବ୍ରାହ୍ମଣବିଲ ଉଚ୍ଚ ବିଦ୍ୟାଳୟଠାରେ ଏକ ସଭା ଆୟୋଜିତ ହୋଇଥିଲା।

# ଲିଙ୍ଗଗତ ହାର ଉଦ୍‌ବେଗଜନକ



**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲାପାଳ ନିଖିଲ ପଵନ କଲ୍ୟାଣ, ସମ୍ମାନିତ ଅତିଥି ସିଡିଏମ୍‌ଓ ଡା. ପ୍ରଦୀପ କୁମାର ମହାପାତ୍ର, ଶିଶୁ କଲ୍ୟାଣ କମିଟି ଅଧକ୍ଷ ପ୍ରତାପ ଆଚାର୍ଯ୍ୟ, ସହକାରୀ ଜିଲାପାଳ ସୌଦାମିନୀ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, 'ଇଶୋ'ର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ପ୍ରମୁଖ ମଞ୍ଚାସୀନ ଥିଲେ।

ଜିଲାରେ ପୁଅଙ୍କ ତୁଳନାରେ ଶିଶୁକନ୍ୟା ହାର ଉଦ୍‌ବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ଏଥିରେ ସୁଧାର ନ ଆସିଲେ ସାମାଜିକ ସନ୍ତୁଳନ ବିଗିଡ଼ିଯିବ। ଏଥିଲାଗି ସମ୍ମିଳିତ ପ୍ରୟାସ ଲୋଡ଼ା ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ।ଏହି ଅବସରରେ ଶୋଭା ପକ୍ଷରୁ ପ୍ରକାଶିତ ନ୍ୟୁଜ୍‌ଲେଟର ଉନ୍ମୋଚିତ ହୋଇଥିଲା। ଏଥିସହ ବାଳିକାଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି ଓ ନିରାପତ୍ତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର, ଶୋଭାର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ରଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରେ ଆସିଥିବା ଆଶା, ଅଙ୍ଗନୱାଡ଼ି କର୍ମୀ, ସିଡିପିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମିନି ଷ୍ଟାଡିୟମରୁ ଏକ ଶୋଭାଯାତ୍ରା ବାହାରି କନ୍ୟାସନ୍ତାନ ସୁରକ୍ଷା ବାର୍ତ୍ତା ପ୍ରଚାର କରିଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଆଶା, ଅଙ୍ଗନୱାଡି କର୍ମୀ, ସିଡିପିଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ମହିଳା ଓ ଶିଶୁ ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭାର ମିଳିତ ସହଯୋଗରେ ଜାନୁୟାରୀ ୧୮ରୁ ଆରମ୍ଭ ହୋଇଥିଲା ସପ୍ତାହବ୍ୟାପୀ କନ୍ୟା ସନ୍ତାନ ସୁରକ୍ଷା କାର୍ଯ୍ୟକ୍ରମ। ଗୁରୁବାର ଏହା ଉଦ୍‌ଯାପିତ ହୋଇଛି।

## ଯୁବତୀଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

**କଣିହାଁ , ୨୪।୧(ଡି.ଏନ.ଏ.)**

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ପ୍ରକାଶ, କଣିହାଁ ଥାନା ବଡ଼ହୀରା ଗ୍ରାମର ତ୍ରିଲୋଚନ ନାୟକ ୩ ବର୍ଷ ହେଲା ଏନ୍‌ଟିପିସି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ନେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଦେଇଥିଲେ। ବୁଧବାର ଯୁବତୀଙ୍କ ଅଭିଯୋଗକୁ ନେଇ ନଂ. ୭/୧୯ରେ ମାମଲା ରୁଜୁ ହୋଇଛି।

## ୨ୟ ଦିନରେ ଧର୍ମଘଟ

**କଣିହାଁ,୨୪।୧(ଡି.ଏନ.ଏ.)**

କଣିହାଁ ବ୍ଲକ ଡେରେଙ୍ଗ ସ୍ଥିତ ଜେଆଇଟିପିଏଲ ପ୍ରକଳ୍ପର ୩ ଫାଟକ ସମ୍ମୁଖରେ ମଜଦୁର ସଂଘ ପକ୍ଷରୁ ଚାଲିଥିବା ଧର୍ମଘଟ ଗୁରୁବାର ୨ୟ ଦିନରେ ପହଞ୍ଚିଛି। ଫଳରେ କୋଇଲା ସଙ୍କଟ ଯୋଗୁ ପ୍ରକଳ୍ପରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ପ୍ରକଳ୍ପର ଜନୈକ ଅଧିକାରୀ କହିଛନ୍ତି, ଆନ୍ଦୋଳନ ଜାରି ରହିଲେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ହୋଇଯିବ। ପ୍ରକଳ୍ପ ଆର୍ଥିକ ସମସ୍ୟାରେ ଗତି କରୁଛି। ଆନ୍ଦୋଳନ ଯୋଗୁ ପ୍ରକଳ୍ପ କର୍ମଚାରୀମାନେ ଖାଦ୍ୟ ପାନୀୟ ସମସ୍ୟାରେ ଅସୁବିଧା ଭୋଗୁଛନ୍ତି।

## ଫଟୋରେ ଖବର



ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପିତୃ ବିୟୋଗ ପରେ ଗୁରୁବାର ଅନୁଗୋଳ ମିଶ୍ରପଡାସ୍ଥିତ ତାଙ୍କ ବାସଭବନରେ ଲୋକଙ୍କ ଭିଡ଼।

# ଝାରବଇଣ୍ଡା, ଲୁହାମୁଣ୍ଡା ବିଜୟୀ

**ବଇଣ୍ଡା,୨୪।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପେଡ଼ିପଥର ପଞ୍ଚାୟତ ଅଚ୍ୟୁତାପୁର ଗ୍ରାମ ଖେଳ ପଡ଼ିଆଠାରେ ଚାଲିଥିବା ଅଚ୍ୟୁତାପୁର କପ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଝାରବଇଣ୍ଡା ଓ ଲୁହାମୁଣ୍ଡା ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍ ଝାରବଇଣ୍ଡା ଓ କଳାପାଟନାଳୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଝାରବଇଣ୍ଡା ୧୫୮ ରନ କରିଥିଲା। ଜବାବରେ କଳାପାଟନାଳୀ ୧୦୦ ରନ କରି ପରାସ୍ତ ହୋଇଥିଲା। ସେହିପରି ୨ୟ ମ୍ୟାଚ୍ ଲୁହାମୁଣ୍ଡା ଓ ଅମରେଶ ଅଚ୍ୟୁତାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଲୁହାମୁଣ୍ଡା ବ୍ୟାଟିଂ କରି ୧୭୮ ରନ କରିଥିଲା। ଜବାବରେ ଅମରେଶ ୫୬ ରନ କରି ପରାସ୍ତ ହୋଇଥିଲା। ଜିତେନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପ୍ରଧାନ ପରିଚାଳନା କରିଥିଲେ।

## ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

**ବଇଣ୍ଡା, ୨୪।୧(ଡି.ଏନ.ଏ.)**

ଠାକୁରଗଡ଼ ଥାନା ତାଳମଳିଆ ଗ୍ରାମର ନରୋତ୍ତମ ନାୟକଙ୍କୁ ସାନ ଭାଇ ଅରୁଣ ନାୟକ ଟାଙ୍ଗିଆରେ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ୨ ଭାଇଙ୍କ ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟା ଲାଗି ରହିଥିଲା। ସାମାନ୍ୟ କଳହକୁ ନେଇ ସେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

**ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ଜାତୀୟ ଭୋଟର ଦିବସ
**ସ୍ଥାନ:** ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ
**ସମୟ:** ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### କେମିକାଲ ମିଶା ମହୁ ବିକ୍ରି ଅଭିଯୋଗ, ଜଣେ ଅଟକ



**ଭୁବନ, ୨୪।୧(ଡି.ଏନ.ଏ.):** ଭୁବନ ବ୍ଲକ ଅଞ୍ଚଳରେ ଅପମିଶ୍ରିତ ମହୁ ବିକ୍ରି କରୁଥିବା ଅଭିଯୋଗରେ ଜଣେ ବିହାରୀ ଯୁବକଙ୍କୁ ଗ୍ରାମବାସୀ କାବୁ କରି ଗୁରୁବାର ପୋଲିସ ଜିମା ଦେଇଛନ୍ତି। ସମ୍ପୃକ୍ତ ଯୁବକ ଅଟୋରିକ୍ସାରେ ସପ୍ତାହେ ହେଲା ହାଟରେ ମହୁ ବିକ୍ରି କରିଆସୁଥିଲେ। ସନ୍ଦେହ ହେବାରୁ ସ୍ଥାନୀୟ ଲୋକେ ମହୁକୁ ପରୀକ୍ଷା କରିଥିଲେ। ଏହାପରେ ପ୍ରକୃତ ଘଟଣା ପଦାକୁ ଆସିଥିଲା। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଅପମିଶ୍ରିତ ମହୁ ବ୍ୟବସାୟରେ ବିହାରୀ ଗ୍ୟାଙ୍ଗ୍ ସାମିଲ ଅଛନ୍ତି। ସେମାନେ କଟକ ନିମପୁରରେ ରହି ବିଭିନ୍ନ ସ୍ଥାନରେ ବ୍ୟବସାୟ କରୁଛନ୍ତି। ଲୋକଙ୍କୁ ପ୍ରଲୋଭିତ କରିବାକୁ ସେମାନେ ମହୁଫେଣା ପ୍ରଦର୍ଶନ କରିଥାନ୍ତି। ଫ୍ଲୋରିକ ଏସିଡ୍‌ରେ ଅଳ୍ପ ପରିମାଣର ମହୁ ମିଶାଇ ଶତାଧିକ ଲିଟର ମହୁ ତିଆରି କରାଯାଉଛି। ସେମାନେ କେଜି ପିଛା ୩୦୦ ଟଙ୍କାରେ ମହୁ ବିକ୍ରି କରୁଥିବା ଜଣାପଡ଼ିଛି। ଏ ନେଇ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା କୁହନ୍ତି, ଅପମିଶ୍ରିତ ମହୁ ବିକ୍ରି ଅଭିଯୋଗରେ ଲୋକେ ଜଣଙ୍କୁ ଜିମା ଦେଇଛନ୍ତି। ଏ ନେଇ ଲିଖିତ ଅଭିଯୋଗ ହୋଇନାହିଁ। ତଦନ୍ତ ଜାରିରହିଛି।

### ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୨୪।୧:** ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହୃଷୀକେଶ ରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାର୍ଥୀ ଉଚ୍ଚ ମାଧମିକ ଆବାସିକ ବିଦ୍ୟାଳୟର ଅଧକ୍ଷ ଜ୍ଞାନେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ନଗର ସଂଘ ଚାଳକ ଶକ୍ତି ପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଜଗବନ୍ଧୁ ବରାଳ, ବିଭାଗ ପ୍ରମୁଖ ଶଶିଭୂଷଣ ବେହେରା ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଅଭିଭାବକ, ଶିକ୍ଷକ ଚାହିଁଲେ ପିଲାମାନେ ସୁନାଗରିକ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ବ୍ରହ୍ମାନନ୍ଦ ସାମଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ମୋ ସ୍କୁଲ ଅଭିଯାନକୁ ଆର୍ଥିକ ସହାୟତା



**ଢେଙ୍କାନାଳ ଅଫିସ, ୨୪।୧:** ଢେଙ୍କାନାଳ ଜିଲାରେ 'ମୋ ସ୍କୁଲ ଅଭିଯାନ'କୁ ଅଧିକ କ୍ରିୟାଶୀଳ କରିବା ଲାଗି ମିଲର ଆସୋସିଏଶନ ଏବଂ ବେସାମରିକ ଯୋଗାଣ ପରିବହନକାରୀଙ୍କ ପକ୍ଷରୁ ଗୁରୁବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲା ମିଲର ଆସୋସିଏଶନ ସଭାପତି ପ୍ରଦୀପ କୁମାର ମହାନ୍ତି, ସଦସ୍ୟ ବିନୋଦ କୁମାର ଅଗ୍ରୱାଲ ଏଥିଲାଗି ୨ଲକ୍ଷ ୯୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିପରି ବେସାମରିକ ଯୋଗାଣ ପରିବହନ ଠିକାଦାର ସଂଘ ପକ୍ଷରୁ ୧ଲକ୍ଷ ଟଙ୍କାର ଚେକ୍ ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କୁ ପ୍ରଦାନ କରାଯାଇଛି। ଯୋଗାଣ ଅଧିକାରୀ ହାଡ଼ିବନ୍ଧୁ ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅର୍ଥରାଶି ମୋ ସ୍କୁଲ ଅଭିଯାନ ଯୋଜନାରେ ଶିକ୍ଷା ଏବଂ ଛାତ୍ରୀଛାତ୍ରଙ୍କ ଉନ୍ନତି ଲାଗି ବିନିଯୋଗ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

■ ଆରମ୍ଭ ହେଲା ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ କାର୍ଯ୍ୟକ୍ରମ

# 'ଶୃଙ୍ଖଳିତ ହେବ ସାମାଜିକ ବ୍ୟବସ୍ଥା'

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଗୁରୁବାରଠାରୁ ଆରମ୍ଭ ହୋଇଛି ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ବ୍ୟବସ୍ଥା। ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ପରିସରରେ ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଏହି ବ୍ୟବସ୍ଥାର ଲୋକାର୍ପଣ କରିବା ପରେ ଜିଲାରେ ଏହାର ଶୁଭାରମ୍ଭ ହୋଇଛି।

ସ୍ଥାନୀୟ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସାମାଜିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ରାଜ୍ୟ ସରକାର ଏବଂ ପୋଲିସ ବିଭାଗ ପକ୍ଷରୁ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିରେ ସାମିଲ ହୋଇଥିବା ଏନ୍‌ସିସି କ୍ୟାଡେଟ୍‌ମାନେ ଭବିଷ୍ୟତରେ ସୁନାଗରିକ ହୋଇପାରିବେ। ସେମାନଙ୍କ ଜୀବନ ଶୃଙ୍ଖଳିତ ହେବ। ଏବେକାର ସମୟରେ ଜନସାଧାରଣ ଏବଂ ପୋଲିସ ମଧ୍ୟରେ ସମ୍ପର୍କ ଭଲ ରହୁନାହିଁ। ଲୋକଙ୍କ ଆସ୍ଥାଭାଜନ ହେବାକୁ ଆରମ୍ଭ ହୋଇଥିବା ଏହି ଯୋଜନା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିଧାୟକ କହିଥିଲେ।

ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ବ୍ୟବସ୍ଥାରେ ଗଠିତ କମିଟି ଅଧକ୍ଷ ତଥା ଜିଲାପାଳ ନିଖିଲ ପବନ କଲ୍ୟାଣ କହିଲେ, ଏହି ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରାଇବାକୁ ଅସୀମ ଧୈର୍ଯ୍ୟ ଆବଶ୍ୟକ। ଦୃଢ଼ ମନୋଭାବ ନେଇ ଛାତ୍ରୀଛାତ୍ରମାନେ ଏଥିରେ ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। କମିଟିର ଆବାହକ ତଥା ଏସ୍‌ପି ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇ କହିଲେ, ୨୦୧୦ରେ କେରଳ ପୋଲିସ ଦ୍ୱାରା ଏହା ଆରମ୍ଭ ହୋଇଥିଲା, ଯାହା ସଫଳ ହୋଇଛି। ନୂଆଦିଲ୍ଲୀସ୍ଥିତ ରିସର୍ଚ୍ଚ ପୋଲିସ ବ୍ୟୁରୋ ଏହାକୁ ଗ୍ରହଣ କରିବା ପରେ ସବୁ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ଏହି ବ୍ୟବସ୍ଥା ଲାଗି ଗଠିତ ଷ୍ଟିୟରିଂ କମିଟିରେ ଜିଲାପାଳ ଅଧକ୍ଷ, ଏସ୍‌ପି ଆବାହକ, ଜିଲା ଶିକ୍ଷା ଅଧିକାରୀ ସଭ୍ୟ ରହିବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନ ସ୍କୁଲରେ ଏହା ଲାଗୁହେବ। ପ୍ରାଥମିକ ପର୍ଯ୍ୟାୟରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲର ୮ମ ଶ୍ରେଣୀରେ ପଢୁଥିବା ୪୪ଜଣ ଏନ୍‌ସିସି ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। କ୍ୟାଡେଟ୍‌ମାନେ ୩ବର୍ଷ ଯାଏ ସେବା ପ୍ରଦାନ କରିବେ। ସେମାନଙ୍କୁ ତାଲିମ ଦେବାକୁ ଜଣେ ଏସ୍‌ଆଇ ରହିବେ। ଥାନାଧିକାରୀ, ଜଣେ ଶିକ୍ଷକ ସଂଯୋଜକ କାର୍ଯ୍ୟ ତୁଲାଇବେ। ବିଭିନ୍ନ କାର୍ଯ୍ୟକ୍ରମରେ ପୋଲିସ ସହିତ ଛାତ୍ରୀଛାତ୍ରମାନେ ସାମିଲ ହୋଇ ସାମାଜିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବେ। ଫେବୃୟାରୀରେ ଯୋରନ୍ଦାରେ ହେବାକୁ ଥିବା ପ୍ରସିଦ୍ଧ ମାଘମେଳାରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ଶୃଙ୍ଖଳା ଜଗିବେ। ସେହିପରି ଫେବୃୟାରୀ ୪ରେ ପୋଲିସ ପକ୍ଷରୁ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ କଲେଜ ପଢୁଆ ୩୦ ଛାତ୍ରୀ ଏବଂ ୩୦ ଛାତ୍ରଙ୍କୁ ସାମିଲ କରାଯିବ। ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଜୀବନବୀମା, ପ୍ରଧାନମନ୍ତ୍ରୀ ବୀମା ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଢେଙ୍କାନାଳ କଲେଜ, ମହିଳା କଲେଜ ଏବଂ କାମାକ୍ଷାନଗର କଲେଜକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ଉପକରଣ ପ୍ରଦାନ କରାଯାଇଥିଲା।

ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁ, ଶିକ୍ଷକ ଦେବୀପ୍ରସାଦ ମିଶ୍ର, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ବିନୟକୃଷ୍ଣ କାମିଲା, ଡିଏସ୍‌ପି ଇନ୍ଦ୍ରମଣି ବେହେରା, ପ୍ରଶାନ୍ତ ବିଶୋଇ, ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍, ବିଇଓ ନିତ୍ୟାନନ୍ଦ ବାରିକଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଉଛି।

■ଯୋରନ୍ଦା ମାଘମେଳା ଭିଡ଼ ସମ୍ଭାଳିବେ ଛାତ୍ରୀଛାତ୍ର

■୪ରେ ଶୁଭାରମ୍ଭ ହେବ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟର

# ଶୋକରେ ବୁଡ଼ିଲା ବେଡ଼ାପଡ଼ା

ରାସୋଳ, ୨୪।୧
(ସରୋଜ କୁମାର ମିଶ୍ର)

■ଭାସିନୀଙ୍କୁ ହରାଇ ଚିନ୍ତାରେ ପରିବାର

■ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର

■ପ୍ରଶାସନିକ ସହାୟତା ଦାବି କଲେ ଗ୍ରାମବାସୀ

ରୋଜଗାରକ୍ଷମ ମଣିଷର ଅକାଳ ମୃତ୍ୟୁରେ ସମ୍ପୂର୍ଣ୍ଣ ପରିବାର କିପରି ଦୋହଲିଯାଏ, ତାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ରାସୋଳ ଥାନା ବେଡ଼ାପଡ଼ା ଗ୍ରାମରେ। ଦନ୍ତାହାତୀ ଆକ୍ରମଣରେ ଭାସିନୀ ସାମଲଙ୍କ ମୃତ୍ୟୁ ପରିବାର ପାଇଁ ହୋଇଛି ଶକ୍ତ ଧକ୍କା। ୪ ପ୍ରାଣୀ କୁଟୁମ୍ବଙ୍କ ବୋଝ ସମ୍ଭାଳୁଥିବା ମଣିଷ ହଠାତ୍ ଚାଲିଯିବା ପରେ ପରିବାର କେମିତି ଅଣ୍ଟା ସଳଖି ଛିଡ଼ା ହେବ ଏବେ ସେହି ଚିନ୍ତାରେ ସମସ୍ତେ। ଅନ୍ୟପଟେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ସମ୍ପନ୍ନ ହୋଇଛି ଭାସିନୀଙ୍କ ଶେଷକୃତ୍ୟ। ସେପଟେ ରେଞ୍ଜର ମଧୁସୂଦନ ପାତ୍ରଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରକୁ ହାତୀ ଆକ୍ରମଣଜନିତ ମୃତ୍ୟୁ ସହାୟତା ବାବଦକୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି।

ଦିବ୍ୟାଙ୍ଗ ସ୍ୱାମୀ ସନାତନ ସାମଲଙ୍କ ସାହାରା ଥିଲେ ଭାସିନୀ। ୨ ଝିଅ, ଜଣେ ପୁଅକୁ ନେଇ ତାଙ୍କ ସଂସାର। ଭାସିନୀଙ୍କ ଉଦ୍ୟମରେ ବଡ଼ଝିଅଙ୍କ ବିବାହ ହୋଇସାରିଛି। ପୁଅ ଆଇଟିଆଇ ଯାଏ ପାଠ ମଧ ପଢ଼ିପାରିଛନ୍ତି। ୨୦ବର୍ଷୀୟା ସାନଝିଅକୁ ନେଇ ତାଙ୍କୁ ଚିନ୍ତା ଘାରିଥିଲା। ଶାରୀରିକ ବ୍ୟତିକ୍ରମ ଯୋଗୁ ଝିଅ ବିବାହ କରିପାରିବେ ନାହିଁ ବୋଲି ଡାକ୍ତର କହିବା ପରେ ମାନସିକସ୍ତରରେ ଏଥିଲାଗି ପ୍ରସ୍ତୁତ ହେଉଥିଲେ ଭାସିନୀ। ଝିଅର ଚିକିତ୍ସା କରାଇବା ପାଇଁ ମୂଲମଜୁରି ଲାଗୁଥିଲେ। ଜଙ୍ଗଲରୁ କାଠ ସଂଗ୍ରହ କରୁଥିଲେ। କଷ୍ଟେମଷ୍ଟେ ସଂସାର ରଥ ଗଡ଼ାଇ ନେବାକୁ ପାରୁପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଥିଲେ। ହେଲେ ବୁଧବାର ପରିବାର ଉପରେ ହାତୀ ଦାଉ ସାଧିଲା। ଶୌଚ ହେବାକୁ ଯାଇଥିବାବେଳେ ଅତି ବୀଭତ୍ସ ଭାବେ ଏକ ହିଂସ୍ର ଦନ୍ତାହାତୀ ତାଙ୍କୁ ଖଣ୍ଡ ବିଖଣ୍ଡିତ କରିଦେଲା। ପରିବାର ଲୋକଙ୍କ ପେଟକୁ ଦାନା ଯୋଗାଡ଼ କରୁଥିବା ଭାସିନୀଙ୍କ ମୃତ୍ୟୁରେ ଗ୍ରାମବାସୀ ମଧ ମ୍ରିୟମାଣ ହୋଇପଡ଼ିଛନ୍ତି।

ଏ ନେଇ ସନାତନ କୁହନ୍ତି, ଜମିବାଡ଼ି ନାହିଁ। କୁଡ଼ିଆରେ ରହୁଛୁ। ରୋଜଗାର କହିଲେ ସରକାରଙ୍କ ୨୦ କେଜି ଚାଉଳ। ଜନ୍ମରୁ ଦିବ୍ୟାଙ୍ଗ ବୋଲି ସେ କାମଧନ୍ଦା କରି ପାରୁ ନାହାନ୍ତି। ସ୍ତ୍ରୀ ଭାସିନୀ ହିଁ ପରିବାରର ସବୁକଥା ବୁଝୁଥିଲେ। ତାଙ୍କ ମୃତ୍ୟୁପରେ ଏବେ ଝିଅପୁଅ କେମିତି ମଣିଷ ହେବେ ସେହି ଚିନ୍ତା ଘାରିଛି। ପ୍ରଶାସନ ସହାୟତା ଯୋଗାଇଦେଲେ ଦୁଃଖ ଦୂର ହୁଅନ୍ତା ବୋଲି ସେ କୋହଭରା କଣ୍ଠରେ ନିବେଦନ କରିଛନ୍ତି। ଅସହାୟ ପରିବାରକୁ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

■ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

# ଚାଷୀ ସମାବେଶ ଭଣ୍ଡୁର ଉଦ୍ୟମ ମହଙ୍ଗା ପଡ଼ିବ

**ସାତମାଇଲ, ୨୪।୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ହାଟପଡ଼ିଆରେ ଗୁରୁବାର ଜିଲା ନବନିର୍ମାଣ କୃଷକ ସଙ୍ଗଠନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳର ଶତାଧିକ ଚାଷୀ, କୃଷକ ନେତା ଏବଂ ପଦାଧିକାରୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ କୃଷିମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଚାଷୀ ସମାବେଶକୁ ଭଣ୍ଡୁର କରିବା ଉଦ୍ୟମ ସରକାରଙ୍କ ମହଙ୍ଗା ପଡ଼ିବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ୍, ପେନ୍‌ସନ ବ୍ୟବସ୍ଥାର ସମାଧାନ କରିବା ପରିବର୍ତ୍ତେ ସରକାର ଭଣ୍ଡାଉଛନ୍ତି। ସଙ୍ଗଠନର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ରାଜଧାନୀରେ ଚାଷୀ ସମାବେଶ ଡାକରା ଦିଆଯାଇଥିଲା। ଏହାକୁ ବଳ ପ୍ରୟୋଗ କରି ଦମନ କରାଯାଇଛି, ଯାହା ପରିତାପର ବିଷୟ। ଆଗାମୀ ଦିନରେ ସଙ୍ଗଠନ ଏହାର ଜବାବ ଦେବ। ରାଜଧାନୀକୁ ଚାଷୀଙ୍କୁ ମନା ହେଲେ, ଗ୍ରାମରେ ନେତାଙ୍କ ପାଦ ପକାଇବାକୁ ଦିଆଯିବ ନାହିଁ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି। ଜାନୁୟାରୀ ୨୮ରେ ସାତମାଇଲରେ କୃଷକ ସମାବେଶ କରାଯିବ। ଏହାକୁ ସଫଳ କରାଇବାକୁ ଆହ୍ୱାନ ଦିଆଯାଇଛି।

କୃଷକ ନେତା ତରଣୀସେନ ସାହୁ, ସୂର୍ଯ୍ୟନାରାୟଣ ସିଂ, ଅରବିନ୍ଦ ସାହୁ, ବିମ୍ବାଧର ମାଝି, ରଞ୍ଜନ ବେହେରା, ଶିଶିର ସାହୁ, ଚୈତନ୍ୟ ସାହୁ, ଟୁନା ଦଳେଇ, ଗୌରାଙ୍ଗ ନାୟକ, ମୁରଲୀଧର ପ୍ରଧାନ, ବୀରେନ୍ଦ୍ର ଜେନାମଣି, ପ୍ରମୋଦ ଦେହୁରୀଙ୍କ ସମେତ ଉପଖଣ୍ଡ ଅଞ୍ଚଳର ବହୁ କୃଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# କଳ୍ପତରୁ ଆଶ୍ରମରୁ ବାଳକ ନିଖୋଜ

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି କଣ୍ଟେଇକୋଳିଆସ୍ଥିତ କଳ୍ପତରୁ ଆଶ୍ରମରେ ରହି ପାଠ ପଢୁଥିବା ୯ ବର୍ଷର ଜଣେ ବାଳକ ବୁଧବାରଠାରୁ ନିଖୋଜ ହୋଇଯାଇଛନ୍ତି।ସେ ହେଲେ ଛୋଟୁ ରୋହିତ ଦାସ। ତାଙ୍କ ଘର ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳରେ। ପରିବାର ଲୋକେ ଫାଣ୍ଡିରେ ଅଭିଯୋଗ କରିବା ପରେ ଏ ନେଇ ସଦର ଥାନାରେ ନଂ. ୫୦/୧୯ରେ ମାମଲା ରୁଜୁ କରାଯାଇଛି। ଗୁରୁବାର ସନ୍ଧାନୀ କୁକୁର ସହାୟତାରେ ପୋଲିସ ଅଧିକାରୀ ଆଶ୍ରମରେ ତଦନ୍ତ କରିଛନ୍ତି। ସ୍ଥାନୀୟ ଜଙ୍ଗଲରୁ ସମ୍ପୃକ୍ତ ବାଳକଙ୍କ ଏକ ହାପ୍‌ପ୍ୟାଣ୍ଟ ଜବତ କରାଯାଇଛି। ଏହି ଘଟଣା ପରେ ଆଶ୍ରମର ମୁଖ୍ୟ କେଉଁଆଡେ ଫେରାର ହୋଇଯାଇଛନ୍ତି।

ଅପରପକ୍ଷେ ସମ୍ପୃକ୍ତ ବାଳକଙ୍କୁ ମଙ୍ଗଳବାର ଆଶ୍ରମରେ ପ୍ରବଳ ମାଡ଼ ମରାଯାଇଥିବା ଅଭିଯୋଗ ମଧ ହେଉଛି। ବାଳକ ନିଖୋଜ ହେବା ଏବଂ ଏପରି ସଙ୍ଗିନ ଅଭିଯୋଗ ପରେ ଆଶ୍ରମ ମୁଖ୍ୟଙ୍କ ପତ୍ତା ନ ମିଳିବା ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଛି।

ଏ ସଂକ୍ରାନ୍ତରେ ଥାନାଧିକାରୀ ମଳୟ ନାୟକ କୁହନ୍ତି, ବାଳକ ନିଖୋଜ ସମ୍ପର୍କରେ ଅଭିଯୋଗ ପରେ ତଦନ୍ତ ଜାରି ରହିଛି। ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ଏହାର ତଦନ୍ତ କରୁଛନ୍ତି। ଆଶ୍ରମ ମୁଖ୍ୟ ସାଧୁ ମୁରାରି ଦାସଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ଅଭିମନ୍ୟୁ ମେମୋରିଆଲ କ୍ରିକେଟ: ସେମିରେ ପ୍ରଶାନ୍ତି




ବିକାଶ ରାଉତଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପ୍ରଦାନ କରାଯାଉଛି।

**ଭୁବନ, ୨୪।୧(ଡି.ଏନ୍.ଏ.)**

ଭୁବନ ବ୍ଲକ କିଙ୍ଗୋଳ ଅସୁରବନ୍ଧ ଖେଳପଡ଼ିଆରେ ଚାଲିଥିବା ଅଭିମନ୍ୟୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଖେଳାଯାଇଥିବା ୪ର୍ଥ କ୍ୱାର୍ଟର ଫାଇନାଲରେ ମ୍ୟାଚ୍‌ରେ ପାଲଲହଡ଼ାକୁ ହରାଇ ପ୍ରଶାନ୍ତି କ୍ରିକେଟ ଟିମ୍ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାଲଲହଡ଼ା ନିର୍ଦ୍ଧାରିତ ୨୦ ଓଭରରେ ୧୨୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ପ୍ରଶାନ୍ତି ଦଳ ୧୫ ଓଭରରେ ୩ ଉଇକେଟ ହରାଇ ୧୩୨ ରନ୍ କରି ମ୍ୟାଚକୁ ଜିତି ନେଇଥିଲା। ସଫଳତମ ବ୍ୟାଟ୍ସମ୍ୟାନ୍ ଭାବେ ରୋଶନ ସ୍ୱାଇଁ ୩୮ ବଲ୍‌ରୁ ୬୨ ରନ୍ କରିଥିଲେ। ସେହିପରି ବୋଲିଂରେ ଦକ୍ଷତା ଦେଖାଇଥିଲେ ବିକାଶ ରାଉତ। ୫ ଓଭର ବୋଲିଂ କରି ସେ ହାତେଇ ଥିଲେ ୭ ଉଇକେଟ। ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା।

ବିପିନ ବିହାରୀ ସେଠୀ, ଦ୍ୱିଜେନ୍ଦ୍ର ଘୋଷ ମ୍ୟାଚ୍ ପରିଚାଳନା କରିଥିଲେ। ସୋମନାଥ ପରିଡ଼ା, ଅଜୟ କୁମାର ପଣ୍ଡା ଧାରାବିବରଣୀ ଦେଇଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆୟୋଜକ ପ୍ରଶାନ୍ତି କ୍ରିକେଟ କ୍ଲବ ଏବଂ ଆଠଗଡ଼ ମଧ୍ୟରେ ଖେଳାଯିବ।

■ଜିଲା ଭାଜପାରେ କ୍ଷମତା ଯୁଦ୍ଧ ତୀବ୍ର

# ସାଧାରଣ ସମ୍ପାଦକ ପଦବୀକୁ ନେଇ କନ୍ଦଳ

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ଜିଲା ଭାଜପା ସଙ୍ଗଠନରେ ସାଧାରଣ ସମ୍ପାଦକ ପଦବୀକୁ ନେଇ ତେଜିବାରେ ଲାଗିଛି ବିବାଦ। ଏହି ପଦବୀରେ ପୂର୍ବତନ ଜିଲା ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ ରହିଥିବା ଦାବି କରୁଛନ୍ତି। ହେଲେ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ ଏହାକୁ ଅସ୍ୱୀକାର କରିବା ଚର୍ଚ୍ଚାର ବିଷୟ ହୋଇଛି। ଏସବୁ ଭିତରେ ରାଜନୀତିକୁ ଅଧିକ ଉଷ୍ମ କରିଛି ଦଳର ମିଡିଆ ପ୍ରଭାରୀ ତଥା ଜିଲା ଉପସଭାପତି ନବକିଶୋର ଗୁରୁଙ୍କ ପ୍ରେସ ବିଜ୍ଞପ୍ତି। ଦୀପକ ଜିଲା ସାଧାରଣ ସମ୍ପାଦକ ପଦବୀରେ ନାହାନ୍ତି। ସେ ଦଳର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ବୋଲି ଏଥିରେ ଦର୍ଶାଯାଇଛି। ଅନ୍ୟପଟେ ଦୀପକ ମଧ ଅନ୍ୟ ଏକ ପ୍ରେସ୍ ବିଜ୍ଞପ୍ତିରେ ସେ ସାଧାରଣ ସମ୍ପାଦକ ପଦବୀରେ ଥିବା ସ୍ପଷ୍ଟୀକରଣ ଦେଇଛନ୍ତି। ଜିଲାରେ ୩ଜଣ ସାଧାରଣ ସମ୍ପାଦକ ଅଛନ୍ତି। ଜାନୁୟାରୀ ୧୧ ଓ ୧୨ରେ ନୂଆଦିଲ୍ଲୀ ରାମଲୀଳା ମୈଦାନରେ ଅନୁଷ୍ଠିତ ଜାତୀୟ କନ୍‌ଭେନଶନରେ ରାଜ୍ୟ ଓ କେନ୍ଦ୍ରର ଅନୁମୋଦିତ ତାଲିକା ଅନୁଯାୟୀ ସେ ଜିଲା ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ଲକ୍ଷ୍ମୀଧର ବେହେରାଙ୍କ ସହିତ ପ୍ରତିନିଧିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ତାଙ୍କୁ ସାଧାରଣ ସମ୍ପାଦକ ହିସାବରେ ପରିଚୟପତ୍ର ମଧ ପ୍ରଦାନ କରାଯାଇଥିବା ଦୀପକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି।

ଦୁଇ ନେତାଙ୍କ ଏପରି ମତଭେଦ ଦଳୀୟ କ୍ଷମତା ଯୁଦ୍ଧକୁ ପଦାରେ ପକାଇଛି। ଉଲ୍ଲେଖଯୋଗ୍ୟ, ବୁଧବାର ଜିଲାର କେତେଜଣ ଭାଜପା କର୍ମକର୍ତ୍ତା ବୋରାପଦା କାଜୁବଗିଚାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଲାଗି ଏକାଠି ହୋଇଥିଲେ। ଏଥିରେ ଆରଏସ୍‌ଏସ୍ ଜିଲା ସଂଘ ଚାଳକ ସୋମେନ ରାୟ ମୁଖ୍ୟଅତିଥି, ରାଜୀବ ଲୋଚନ ସିଂଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଉପସଭାପତି ରମେଶ ଚନ୍ଦ୍ର ସାମଲ, ଦୀପକ ପ୍ରସାଦ ପଟ୍ଟନାୟକଙ୍କ ସମେତ ଅନ୍ୟ ନେତୃବୃନ୍ଦମାନେ ଯୋଗ ଦେଇଥିଲେ। ସ୍ୱଚ୍ଛ ଭାବମୂର୍ତ୍ତିସମ୍ପନ୍ନ ବ୍ୟକ୍ତିଙ୍କୁ ଦଳୀୟ ଟିକେଟ୍ ଦିଆଯିବା ଉଚିତ ବୋଲି ଉକ୍ତ ବୈଠକରେ ମତ ପ୍ରକାଶ ପାଇଥିଲା। ଗଣମାଧ୍ୟମରେ ପ୍ରକାଶିତ ଖବରରେ ଦୀପକଙ୍କ ପଦବୀକୁ ନେଇ ଜିଲା ସଭାପତି ଉପରୋକ୍ତ ସ୍ପଷ୍ଟୀକରଣ ଦେଇଛନ୍ତି।

ଅନ୍ୟପଟେ ସାଧାରଣ ନିର୍ବାଚନ କେନ୍ଦ୍ରୀୟ ନେତା ଘନଘନ ରାଜ୍ୟ ଗସ୍ତରେ ଆସୁଥିବାବେଳେ ଜିଲାସ୍ତରରେ ଏପରି ବିବାଦ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

### ସାଧାରଣ ସମ୍ପାଦକ ନୁହନ୍ତି, କେବଳ କର୍ମକର୍ତ୍ତା



"ଦୀପକ ପ୍ରସାଦ ପଟ୍ଟନାୟକ ଜିଲା କମିଟିରେ ସାଧାରଣ ସମ୍ପାଦକ ନାହାନ୍ତି। ସେ ଦଳର ଜଣେ ସାଧାରଣ କର୍ମକର୍ତ୍ତା। ବିଷ୍ଣୁ ପ୍ରସାଦ ଲେଙ୍କା, ଲକ୍ଷ୍ମୀଧର ବେହେରା, ପ୍ରେମାନନ୍ଦ ଜେନା ସାଧାରଣ ସମ୍ପାଦକ ପଦବୀରେ ଅଛନ୍ତି। ସେ ନିଜକୁ ଉକ୍ତ ପଦବୀରେ ଥିବା ପ୍ରଚାର କରୁଥିବାବେଳେ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଉପସଭାପତିଙ୍କୁ କୁହାଯାଇଥିଲା। ଜିଲା ଭାଜପାର ପ୍ୟାଡ୍ ଅନ୍ୟମାନେ ବ୍ୟବହାର କରୁଥିବା ଅଭିଯୋଗ ନଜରକୁ ଆସିନାହିଁ। ଜିଲା ମିଡିଆ ପ୍ରଭାରୀ ଦାୟିତ୍ୱରେ ଥିବା ଉପସଭାପତି ଏହାକୁ ବ୍ୟବହାର କରିବା ନିଷ୍ପତ୍ତି ହୋଇଛି। ଏପରି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ବିଭୂତି ଭୂଷଣ ପ୍ରଧାନ, ଜିଲା ଭାଜପା ସଭାପତି

### ପଦବୀରେ ନ ଥାଇ ଦିଲ୍ଲୀ କେମିତି ଡକାଗଲା



"ସାଧାରଣ ସମ୍ପାଦକ ପଦବୀରେ ଅନେକ ଦିନରୁ ରହିଛି। ଯଦି ଉକ୍ତ ପଦବୀରେ ମୁଁ ନାହିଁ, ତେବେ ଦିଲ୍ଲୀ କନଭେନଶନ୍‌କୁ କିପରି ଡକାଗଲା ଏବଂ ସାଧାରଣ ସମ୍ପାଦକ ପରିଚୟପତ୍ର ଦିଆଗଲା। ପ୍ରେମାନନ୍ଦ ଜେନା ଦିଲ୍ଲୀ କନ୍‌ଭେନଶନକୁ ଯାଇ ନ ଥିଲେ। ରାଜ୍ୟ ସଭାପତିଙ୍କ ଅନୁମୋଦନରେ ସାଧାରଣ ସମ୍ପାଦକ ପଦବୀରେ ଦାୟିତ୍ୱ ତୁଲାଉଛି।

-ଦୀପକ ପ୍ରସାଦ ପଟ୍ଟନାୟକ, ପୂର୍ବତନ ଜିଲା ଭାଜପା ସଭାପତି

# ରେଳୱେ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର

**ତାଳଚେର, ୨୪।୧(ନି.ପ୍ର.)**

ଇଷ୍ଟକୋଷ୍ଟ ରେଲୱେ ଭୁବନେଶ୍ୱରର ଡିଆରଏମ ବ୍ରଜମୋହନ ଅଗ୍ରୱାଲ ଗୁରୁବାର ତାଳଚେର ଗସ୍ତରେ ଆସିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଡିଆର୍‌ଏମ୍‌ଙ୍କୁ ଭେଟି ତାଳଚେରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତାଳଚେରରୁ ଏଫ୍‌ସିଆଇ ଦେଇ ଅନୁଗୋଳକୁ ନୂତନ ରେଳଲାଇନ ନିର୍ମାଣ, ପୁରୀ-ତାଳଚେର ଟ୍ରେନକୁ କଣିହାଁ ପର୍ଯ୍ୟନ୍ତ ସମ୍ପ୍ରସାରଣ, ହାଣ୍ଡିଧୂଆ ଶର୍ମାଛକ ମଧ୍ୟରେ ରୋଡ ଅଣ୍ଡର ପାସ ବ୍ରିଜ ନିର୍ମାଣ, ପ୍ରଦୂଷଣ ରୋକିବାକୁ କୋଇଲା ଟ୍ରେନରେ ପାଲ ଭିଡାଯିବା, ତାଳଚେର ରେଳ ଷ୍ଟେଶନକୁ ମଡେଲ ଷ୍ଟେଶନରେ ପରିଣତ କରିବା ଆଦି ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପୂର୍ବତନ ନଗରପାଳ ପବିତ୍ର ଭୂତିଆ, କ୍ଷୀରୋଦ ସାହୁ, ରାଜେଶ ଦାସ, ବନ୍ତୋଲ ସରପଞ୍ଚ ଅବନୀକାନ୍ତ ଦେହୁରୀ, ମନୋଜ ସାହୁ, ଆସିଫ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ୨୭ରୁ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ

**ଅନୁଗୋଳ ଅଫିସ, ୨୪।୧**

ନାଟ୍ୟମ ଅନୁଗୋଳର ୨୬ତମ ପ୍ରତିଷ୍ଠା ଦିବସ ଅବସରରେ ଆସନ୍ତା ୨୭ରେ ନାଟ୍ୟମ୍ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଏହି ରାଜ୍ୟସ୍ତରୀୟ ମହୋତ୍ସବ ସ୍ଥାନୀୟ ବାସନ୍ତୀ ଦୁର୍ଗା ପଡ଼ିଆରେ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି ସନ୍ଧ୍ୟା ସାଢ଼େ ୭ଟାରେ ନାଟକ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ୧୯୯୩ରୁ ଆରମ୍ଭ ହୋଇଥିବା ନାଟ୍ୟମ୍, ନାଟ୍ୟମେଳା ଅନୁଗୋଳ ସହରରେ ଏକ ସାଂସ୍କୃତିକ ବାତାବରଣ ତିଆରି କରିବା ସହିତ ୧ ହଜାରରୁ ଊର୍ଦ୍ଧ୍ୱ ନିୟମିତ ଦର୍ଶକ ସୃଷ୍ଟି କରିବାରେ ସକ୍ଷମ ହୋଇଥିବା ଅନୁଷ୍ଠାନ ପକ୍ଷରୁ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଅନୁଗୋଳ ଜନସାଧାରଣ, ଜିଲା ପ୍ରଶାସନ ଓ ବିଭିନ୍ନ ରାଷ୍ଟ୍ରୀୟ ଉଦ୍ୟୋଗଗୁଡ଼ିକର ସହଯୋଗ ଯୋଗୁ ଏହି ନାଟ୍ୟମେଳା ରାଜ୍ୟର ସାଂସ୍କୃତିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ନାଟ୍ୟମ, ନାଟ୍ୟମେଳା-୨୦୧୯ରେ ଭୁବନେଶ୍ୱରର ଶତାବ୍ଦୀର କଳାକାର ନାଟକ ବାଞ୍ଛାର ବଗିଚା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ରାଉରକେଲାର ରଙ୍ଗମଞ୍ଚ ଅନୁଷ୍ଠାନର ନାଟକ ନୟନପୁର ଏକ୍ସପ୍ରେସ, ଭୁବନେଶ୍ୱର ପଞ୍ଚମବେଦ ଅନୁଷ୍ଠାନର ନାଟକ ଅବସର, ଢେଙ୍କାନାଳ କଳାପରିଷଦ ଅନୁଷ୍ଠାନର ନାଟକ ପଣବନ୍ଦୀ, ସମ୍ବଲପୁର କଲଚରାଲ ଆସୋସିଏଶନ୍‌ର ନାଟକ ସିମ୍‌ନାକାଁଥି ଓ ଅନୁଗୋଳର ନାଟ୍ୟମ ଅନୁଷ୍ଠାନର ନାଟକ ମାଟି ମା' ପରିବେଷଣ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସଭାପତି ସୁଧାଂଶୁ ମୋହନ ଦ୍ୱିବେଦୀଙ୍କ ସୂଚନାରୁ ପ୍ରକାଶ। ସାଧାରଣ ସମ୍ପାଦକ ସମୀର କୁମାର ପଟ୍ଟନାୟକ, ମିଡିଆ ସଂଯୋଜକ ତପନ ଦାସ, ଅନୁଷ୍ଠାନର ସଦସ୍ୟ ରବୀନ୍ଦ୍ରନାଥ ସାହୁ, ଶତ୍ରୁଜିତ୍ ପଟ୍ଟନାୟକ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।








